# Akashvani, Sambalpur

## SAMBALPURI NEWS BULLETIN

### 5 May 2025- 6.47- 6.52 am.

*********************************************

ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା   ଆର୍‌ଏନ୍‌ୟୁ ସମ୍ବଲପୁର/ଏକ୍ସ

ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା-୨୦୨୫ ଗଲାକାଏଲ୍ ବିହାର୍‌ର ପାଟ୍‌ନା ଠାନେ ଉଦ୍‌ଘାଟିତ୍ ହେଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ଜରିଏ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିକରି ଭାରତ୍ ନ କ୍ରୀଡ଼ା ଗୁଟେ ସଂସ୍କୃତି ହିସାବେ ଜନାଯାଏସି ଆଉ କ୍ରୀଡ଼ା ସଂସ୍କୃତି ଯେତ୍‌କି ବଢ଼୍‌ବା ଦେଶର୍ ସଫ୍ଟ ଫାୱାର୍ ସେତ୍‌କି ବଢ଼୍‌ବା ବଲି କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ବିହାର୍‌ର ୬ ଟା ସହରେ ଆଏବା ୧୫ ତାରିଖ୍‌ତକ୍  ଭିନ୍ ଭିନ୍ ପ୍ରତିଯୋଗିତା ମାନ୍ ହେବା । ଇଥି ୮ ହଜାର୍ ୫ ଶହ ନୁ ଅଏତ୍‌କା ଖେଲାଳି ଭାଗ୍ ନେଇଛନ୍ ।

ରାଜ୍ୟପାଲ୍- ମହିଳା ବାଣିଜ୍ୟ ମେଳା      I&PR

ମହିଳା ଉଦ୍ୟୋଗୀମାନେ ନାଇଁ ଡରିକରି ସପନ୍ ଦେଖୁନ୍ । ଆଉ ଗର୍ବର୍ ସହେତେ ସବୁ ଜିନିଷ୍‌ଥି ନେତୃତ୍ୱ ନଉନ୍ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଆହ୍ୱାନ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ପ୍ରଦର୍ଶନୀ ପଡ଼ିଆ ନ ଗଲାକାଏଲ୍ ହେଇଥିବା ମହିଳା ବାଣିଜ୍ୟ ମେଳା-୨୦୨୫ର ଉଦ୍‌ଯାପନୀ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟପାଲ୍ ଇ ମେଳାଥି ଯୋଗ୍ ଦେଇଥିବା ମହିଳା ଉଦ୍ୟୋଗୀମାନ୍‌କର୍ ଉତ୍ସାହ ଆର୍ ସଫଲତାକେ ପ୍ରଶଂସା କରିଛନ୍ ।

ମିଟ୍ ଇଣ୍ଡିଆ କନ୍‌କ୍ଲେଭ I&PR

ରାଜସ୍ଥାନ୍‌ର ଜୟପୁର୍ ଠାନେ ହେଇଥିବା ମିଟ୍ ଇଣ୍ଡିଆ କନ୍‌କ୍ଲେଭ୍‌ଥି ଗଲାକାଏଲ୍ କେନ୍ଦ୍ର ପର୍ଯ୍ୟଟନ୍ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାଓ୍ୱତ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଓଡ଼ିଶା ନ ପର୍ଯ୍ୟଟନ୍‌ର ବିକାଶ୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ଚେରେଷ୍ଟାକେ ପ୍ରଶଂସା କରିଛନ୍ । ଓଡ଼ିଶାର୍ ପର୍ଯ୍ୟଟନ୍‌ର ବିକାଶ୍ ଲାଗି ନିଆଯାଇଥିବା ପଦକ୍ଷେପ୍ ଅଲ୍‌ଗା ରାଜ୍ୟ ମାନେ ଅନୁକରଣ୍ କର୍‌ବାର୍ ଜରୁରୀ ବଲି ଶ୍ରୀ ଶେଖାଓ୍ୱତ୍ କହିଛନ୍ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ ପର୍ଯ୍ୟଟନ୍‌ମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇକରି ରାଏଜେ ଆଗ୍‌କେ ପର୍ଯ୍ୟଟନ୍‌ର ବିକାଶ୍ ଆଉ ଆହ୍ୱାନ୍ ଉପ୍‌ରେ ଜୋର୍ ଦେଇଥିଲେ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଓଡ଼ିଶା ନ

ମାଇସ୍ ଟୁରିଜିମ୍‌ର ବିକାଶ୍ ବାବ୍‌ଦେ ନିବେଶକ୍‌ମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି I&PR

ରାଏଜେ ବଢ଼୍‌ତି ଖରାକେ ନଜର୍‌ଥି ରଖିକରି ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ୱେଭ୍‌ସ ପି.ଆଇ.ବି.

ମୁମ୍ବାଇ ଜିଓ ୱାର୍ଲ୍ଡ କନ୍‌ଭେନ୍‌ସନ୍ ସେଂଟର୍‌ଠାନେ ୪ ଦିନ୍ ଧରିକରି ଚାଲିଥିବା ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଆଉ ମନୋରଞ୍ଜନ୍ ଶିଖର୍ ସମ୍ମିଳନୀ - ୱେଭ୍‌ସ-୨୦୨୫ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଇ ଅବ୍‌ସରେ ୧ ହଜାର୍ ୩ ଶହ ୨୮ କୋଟି ଟଙ୍କାର୍ ବେପାର୍ ହେବାର୍ ସହେତେ ୩ ହଜାର୍‌ନୁ ଅଏତ୍‌କା ବେପାର୍ ବାବଦ୍ ବୈଠକ୍ ହେଇଛେ । ସେନ୍ତା ୱେଭ୍ ଏକ୍ସ ଷ୍ଟାଟ୍‌ଅପ୍‌କେ ତୁର୍‌ତି କର୍‌ବାର୍ ଲାଗି ୫୦ କୋଟି

ଟଙ୍କାର୍ ପୁଞ୍ଜିନିବେଶ୍ ଲାଗି ଚୁକ୍ତି ହେଇଛେ । ଇ ଅବ୍‌ସରେ ସଦସ୍ୟ ଦେଶ୍‌ମାନେ ଓ୍ୱେଭ୍‌ସ ଘୋଷ୍‌ନାନାମାକେ ସ୍ୱିକୃତୀ ଦେଇକରି କୃତ୍ରିମ ବୁଦ୍ଧିମତା ସହେତେ ପାରମ୍ପରିକ୍ ସୃଜନୀକେ ତହଁକାବାର୍ ଲାଗି ରାଜି ହେଇଛନ୍ ।

ଶୀତଲ୍‌ଷଷ୍ଠୀ ଯାତ୍ରା-ମୁଖ୍ୟମନ୍ତ୍ରୀ ନିଉତା   ଆର୍‌ଏନ୍‌ୟୁ/ ସମ୍ବଲପୁର

ଶୀତଲ୍‌ଷଷ୍ଠୀ ଯାତ୍ରାଥି ଯୋଗ୍ ଦେବାର୍‌କେ ସମ୍ବଲ୍‌ପୁର୍ ଶୀତଲ୍‌ଷଷ୍ଠୀ କମିଟି ମାନ୍‌କର୍ ତର୍‌ଫୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ନିଉତା ଦିଆଯାଇଛେ । ବିଧାୟକ୍ ଜୟନାରାୟଣ୍ ମିଶ୍ରଙ୍କର୍ ନେତୃତ୍ୱଥି ଶୀତଲ୍‌ଷଷ୍ଠୀ ସମନ୍ୱୟ ସମିତିର୍ ସଭାପତି ଆର୍ ସଭ୍ୟମାନେ ମିଶିକରି ମୁଖ୍ୟମନ୍ତ୍ରୀଙ୍କୁ ଭୁବ୍‌ନେଶ୍ୱର୍ ଠାନେ ନିଉତା ଦେଇଛନ୍ । ନିଉତା ପାଏଲା ଉତ୍‌ରୁ ମୁଖ୍ୟମନ୍ତ୍ରୀ ଶୀତଲ୍‌ଷଷ୍ଠୀଥି ଯୋଗ୍ ଦେବେ ବଲି ପ୍ରତିଶ୍ରୁତି ଦେଇଥିବା ସମିତି ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ସମିତି ତର୍‌ଫୁ ଆଇନ୍‌ମନ୍ତ୍ରୀଙ୍କୁ ଭିଲ୍ ନିଉତା ଦିଆଯାଇଛେ ।

ସେଆଡ଼େ ବର୍‌ପାଲି ଶୀତଲ୍‌ଷଷ୍ଠୀ ଯାତ୍ରା ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବ୍ଲକ୍ ସଭାଗୃହ ନ ତହସିଲ୍‌ଦାର୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ବିଜେପୁର୍ ବିଧାୟକ୍ ସନତ୍ କୁମାର୍ ଗଡ଼୍‌ତିଆଙ୍କର୍ ସହେତେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ୍ ଦେଇକରି ଯାତ୍ରା

ଶୃଙ୍ଖଲିତ୍ ଭାବେ କର୍‌ବାର୍ ଲାଗି ଭିନ୍ ଭିନ୍ ବିଭାଗ୍‌କେ ପରାମର୍ଶ ଦେଇଛନ୍ ।

ଅନୁବାଦ୍ ପୁରସ୍କାର ଏନ୍‌ଏସ୍‌ଡି

କେନ୍ଦ୍ର ସାହିତ୍ୟ ଏକାଡେମୀ ତର୍‌ଫୁ ୨୦୨୫ ବଛରର୍ ଅନୁବାଦ୍ ପୁରସ୍କାର୍ ଲାଗି ୨୪ ଟା ଭାଷାଥି ଅନୁବାଦ୍ ବହି ଆହ୍ୱାନ୍ କରାଯାଇଛେ । ୨୦୧୯ ଜାନୁଆରୀ ୧ ନୁ ୨୦୨୩ ଡିସେମ୍ବର୍ ୩୧ ତାରିଖ୍ ଭିତ୍‌ରେ ପ୍ରକାଶ୍ ପାଇଥିବା ଅନୁବାଦ୍ ବହିମାନ୍‌କୁ ଇ ପୁରସ୍କାର୍ ଲାଗି ବିଚାର୍‌କେ ନିଆଯିବା । ଫି' ବହିର୍ ଗୁଟେ ନକଲ୍ ସହେତେ ଆବେଦନ୍ ପତ୍ର ଆଏବା ୩୧ ତାରିଖ୍‌ତକ୍ ଜମା କର୍‌ବାର୍‌କେ ଏକାଡେମୀ ତର୍‌ଫୁ କୁହାଯାଇଛେ ।

ଧରଣୀଧର ନାଏକ ଜୟନ୍ତୀ I&PR

ବିପ୍ଳବୀ ଧରଣୀଧର ନାଏକଙ୍କର୍ ଆଏଜ୍ ଜୟନ୍ତୀ ଉଧେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କେନ୍ଦୁଝର୍ କୁସୁମିତା

ଠାନେ ବିପ୍ଳବି ସ୍ୱର୍ଗତ ନାଏକଙ୍କର୍ ସ୍ମୃତି ସଂଗ୍ରହାଲୟ ଆର୍ ବ୍ୟାଖ୍ୟାନ୍ କେନ୍ଦ୍ରର୍ ନିହି ପକାବେ ।
ସଖାଲ୍‌ବେଲା ବିଧାନ୍‌ସଭା ପରିସର୍ ନ ଥିବା ତାଙ୍କର୍ ପ୍ରତିମୂର୍ତିକେ ବାଚସ୍ୱତିଙ୍କର୍ ସହେତେ ବିଧାୟକ୍ ଆର୍ ମନ୍ତ୍ରୀମାନେ ଉପସ୍ଥିତ୍ ରହିକରି ପୁଷ୍ପମାଲ୍ୟ ଅର୍ପଣ୍ କର୍‌ବେ । ବେଲ୍‌ବୁଡ଼େ ଜୟଦେବ୍ ଭବନ୍ ଠାନେ ଗୁଟେ ସାଧାରଣ୍ ସଭାର୍ ଆୟୋଜନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଧୁକାଗର୍ଡ଼ି ସାଙ୍ଗେ ହାଲ୍‌କା ନୁ ମଧ୍ୟମ୍ ବର୍ଷା  ହେଇପାରେ । କେତେ ଜାଗା ନ ଜବର୍ ଧୁକାଗର୍ଡ଼ି ଆର୍ କରା ମାରିପାରେ ବଲି ପାଣିପାଗ୍ କେନ୍ଦ୍ର ସତର୍କ କରେଇଛେ । କାଲ୍‌ବୈଶାଖୀର୍ ବଲେ ଆଏଜ୍ ରାଜ୍ୟର୍ ବଡ଼ଭାଗୀ ଜାଗା ନ ତାତି ୩ ନୁ ୫ ଡିଗ୍ରୀତକ୍ କମିପାରେ ଆଉ ଆଏବା ୩ ଦିନ୍‌ତକ୍ ପାଗ୍ ଏନ୍ତା ରହେବା ବଲି ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ ।